## ବିଦ୍ୟୁତ ଆଘାତରେ ଅଟୋ ଚାଳକ ମୃତ

ବେଲଗୁଣ୍ଠା (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ସାମାନ୍ୟ ଅସାବଧାନତାରୁ ବିଦ୍ୟୁତ ଆଘାତରେ କ୍ଷତ୍ରିୟବରପୁର ଅଞ୍ଚଳର ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ରମେଶ୍ ସାହୁ (୫୨)। ସୋମବାର ସକାଳେ ରମେଶ ନିଜ ଘର ପାଖରେ ଚଲାବୁଲା କରୁଥିବା ବେଳେ ଏକ ବିଦ୍ୟୁତ ଖୁଣ୍ଟରେ ଝୁଲି ରହିଥିବା ତାର ସଂସ୍ପର୍ଶରେ ଆସିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା

ଆସିକା,୨୯।୭(ସୁରେନ୍ଦ୍ର ନାଥ ସାହୁ): ଆସିକାସ୍ଥିତ ମାନବ ସେବା ସମିତି ପକ୍ଷରୁ ରବିବାର କାଳକ୍ଷଣ୍ଡପୁର ଓ ଆସିକା ଏନଏସିର ଗରିବ ବ୍ୟକ୍ତିଙ୍କ ଚିକିତ୍ସା ଓ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । କାଳକ୍ଷଣ୍ଡପୁର ଠାରେ ଜଣେ କର୍କଟ ପୀଡିତାଙ୍କୁ ସମିତି ପକ୍ଷରୁ ୧୩ ହଜାର ଟଙ୍କା ଓ କାଳକ୍ଷଣ୍ଡପୁର ସରପଞ୍ଚଙ୍କ ପକ୍ଷରୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ସେହିଭଳି ୨ଜଣ ମେଧାବୀ ଛାତ୍ରୀଙ୍କୁ ଶିକ୍ଷା ସହାୟତା ଲାଗି ୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି । ସେବା ସମିତିର ସଭାପତି ଗଣେଶ ରଥଙ୍କ ନେତୃତ୍ୱରେ କାଳକ୍ଷଣ୍ଡପୁର ସରପଞ୍ଚ ଜୟନ୍ତୀ ବେହେରା, ସାମାଜିକ କର୍ମୀ ଦିଲ୍ଲୀପ ପାଣିଗ୍ରାହୀ, ବିଦେଶୀ ନାହାକ, ସନ୍ତୋଷ ପାଣିଗ୍ରାହୀ, ମାନସ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଡ଼ିଯାଇଥିବା ଯୁବତୀଙ୍କୁ ସେବା ସଂସ୍ଥାନ ପକ୍ଷରୁ ସହାୟତା

ଚିକିଟି,୨୯।୭(ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଜଗମୋହନପୁର ଗ୍ରାମର ପୋଡ଼ିଯାଇଥିବା ଅସହାୟ ଯୁବତୀଙ୍କୁ ଚିକିଟିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ସଂସ୍ଥାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସୋମବାର ତାଙ୍କ ଘରେ ପହଞ୍ଚି ରାଧାରାଣୀଙ୍କ ଜେଜେବାପାଙ୍କୁ ନଗଦ ୭୦୦୦ ଟଙ୍କା ଓ ୨୫ କେଜି ଚାଉଳ ପ୍ୟାକେଟ ଦିଆଯାଇଛି। ସେବା ସଂସ୍ଥାନର ଏଭଳି କାର୍ଯ୍ୟରେ ଗ୍ରାମବାସୀ ଖୁସି ହୋଇଥିଲେ। ସୂଚନାଯୋଗ୍ୟ ସେବା ସଂସ୍ଥାନ ଦେଢ଼ ବର୍ଷ ହେଲା ଏପରି ଅସୁବିଧାରେ ପଡିଥିବା ପରିବାରକୁ ସହଯୋଗ କରିବା ସହିତ ମାଗଣା ଚକ୍ଷୁ ଶିବିର ଓ ବୃକ୍ଷ ରୋପଣ ଭଳି କାର୍ଯ୍ୟ କରାଯାଉଥିବା ଜଣାପଡିଛି।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ରମ୍ଭା,୨୯।୭ (ବନବାସୀ ସେଠୀ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୫ତମ ବନମହୋତ୍ସବ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏସଏମସି ସଭାପତି ସୁବାସ ଚନ୍ଦ୍ର ପତି, ପ୍ରକୃତିବନ୍ଧୁ ପଞ୍ଚାନନ୍ ଖଟୁଆ, ଶିକ୍ଷୟିତ୍ରୀ ଶ୍ରୀୟାଦେବୀ ସ୍ୱାଇଁ, ରୋଜାଲିନ ମହାପାତ୍ର, ଶୁଭଶ୍ରୀ ପରିଡ଼ା, ଅନିତା ଜେନା, ରାମିତ୍ରି ଶବର, ଶିକ୍ଷକ ଜଗବନ୍ଧୁ ପ୍ରଧାନ, ଅଜିତ କୁମାର ବେହେରା, କୃଷ୍ଣଚନ୍ଦ୍ର ବାଡ଼ତ୍ୟା, ବିକ୍ରମ କୁମାର ସାହୁ, ରଜତ କୁମାର ପାଢ଼ୀ ଓ ଆଶିଷ ମହାପାତ୍ର ଯୋଗଦେଇଥିଲେ।

## ବନ ବିଭାଗ, ଭିଏସ୍ଏସ୍ ମଧ୍ୟରେ ବୈଠକ

ଭଞ୍ଜନଗର,୨୯।୭(ବାବୁଲା ପ୍ରଧାନ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ ବଣିଆପଲ୍ଲୀଠାରେ ସୋମବାର ବନ ମହୋତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ତେଣୁ ବନ ବିଭାଗ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନଙ୍କୁ ନେଇ ବୈଠକ ହୋଇଥିଲା। ଡିଏଫଓ ହିମାଂଶୁ ଶେଖର ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଞ୍ଜର ସୁଜତା ରାଣୀ ପଣ୍ଡା, ଲୋକନାଥ ଆଚାର୍ଯ୍ୟ, ଜଗନ୍ନାଥ ପ୍ରସାଦ ବିଇଓ, ପ୍ରଧାନ ଶିକ୍ଷୟିତ୍ରୀ ମାମିନି ଗୌଡ, ଶିକ୍ଷକ ଚନ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବନପାଳ ଶରତ ମହାନ୍ତି ସଭାକୁ ସଂଯୋଜନା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସୂତି କକ୍ଷରୁ ଖସିଲା ପଲସ୍ତରା

ପାତ୍ରପୁର,୨୯।୭ (ଉମାଚରଣ ନେପାକ):

ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତୀ କକ୍ଷରେ ସୋମବାର ପଲସ୍ତରା ଖସିଛି। ଏହି ସମୟରେ କୌଣସି ରୋଗୀ ସେଠାରେ ନ ଥିବାରୁ ଏକ ବଡ ଅଘଟଣରୁ ବର୍ତ୍ତିଯାଇଛି। ଦୀର୍ଘଦିନ ଧରି ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ କକ୍ଷର ଛାତରୁ ପଲସ୍ତରା ପଡୁଥିବା ଦେଖାଦେଇଛି । ସୋମବାର ପ୍ରସୂତୀ କକ୍ଷରେ ପଲସ୍ତରା ଖସିଥିବା ବେଳେ ଡାକ୍ତର, କର୍ମଚାରୀ ସମେତ ରୋଗୀ ଓ ସମ୍ପର୍କୀୟମାନେ ଅସୁରକ୍ଷିତ ମନେ କରିଛନ୍ତି।

# ବିଦ୍ୟାଳୟ ପୁଣି ଖୋଲିବା ଦାବିରେ ଧାରଣା


ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକ।

**ଆସିକା,୨୯।୭(ସୁରେନ୍ଦ୍ର ନାଥ ସାହୁ):**

ଆସିକା ଚିନିଶିଳ୍ପ ନୂଆଗାଁ ଗ୍ରାମରେ ବହୁ ପୂର୍ବରୁ ଗୋଟିଏ କ୍ୟାମ୍ପସରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ଶିକ୍ଷା ବ୍ୟବସ୍ଥା ରହିଆସିଛି । ଚଳିତ ଶିକ୍ଷାବର୍ଷରୁ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବା ଦର୍ଶାଇ ସରକାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ଅନ୍ୟ ସ୍କୁଲ ସହ ଯୋଡିଛନ୍ତି । ଯାହାଫଳରେ ଏଠାରୁ ୫ମ ଶ୍ରେଣୀରୁ ଉନ୍ନିତ ହୋଇ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରିବାକୁ ଥିବା ୩୦ ଛାତ୍ରୀଛାତ୍ର ଏବଂ ଷଷ୍ଠ ଶ୍ରେଣୀରେ ଉନ୍ନିତ ହୋଇ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରିବାକୁ ଥିବା ୩୪ ଛାତ୍ରୀଛାତ୍ର ବର୍ତ୍ତମାନ ସୁଦ୍ଧା ଅନ୍ୟ କୌଣସି ବିଦ୍ୟାଳୟରେ ନାମ ଲେଖାଇ ପାରିନାହାନ୍ତି । ପୂର୍ବରୁ ବହୁବାର ଅଭିଭାବକଙ୍କ ପକ୍ଷରୁ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଇନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ତେଣୁ ଉକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୁଣି ଖୋଲିବା ଦାବିରେ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଦାବି ପୂରଣ ନ ହେବା ଯାଏ ଧାରଣା ଚାଲୁ ରହିବ ବୋଲି ସେମାନେ କହିଛନ୍ତି । ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତିଙ୍କୁ ପଚାରିବାରୁ ପୂର୍ବରୁ ସେ ଏହି ବିଦ୍ୟାଳୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରସ୍ତାବ ଦେଇଥିଲେ । ତେବେ ଅଭିଭାବକମାନେ ସରକାରୀ ସ୍ତରରେ ସେମାନଙ୍କ ସମସ୍ୟାର ସମାଧାନ ଲାଗି ଦୃଷ୍ଟି ଆକର୍ଷଣ କରିବା ଲାଗି ପରାମର୍ଶ ଦେଇଥିବା ପ୍ରକାଶ କରିଛନ୍ତି ।

## ବରିଡ଼ା-ଏ ପଞ୍ଚାୟତରେ ମଦ ଦୋକାନ ବନ୍ଦ ଦାବି



ଛତ୍ରପୁର,୨୯।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବରିଡ଼ା-ଏ ଗ୍ରାମପଞ୍ଚାୟାତରେ ମଦ ଦୋକାନ ଖୋଲିବାକୁ ବିରୋଧ ହୋଇଛି। ୧୨ ତାରିଖରେ ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ ଓ ୱାର୍ଡ଼ସଭ୍ୟମାନଙ୍କ ଉପସ୍ଥିତିରେ ପଞ୍ଚାୟତରେ ଏକ ବୈଠକ ମାଧ୍ୟମରେ ଅଧିବେଶନ ନଂ-୪ ଅନୁସାରେ ସର୍ବସମ୍ମତି କ୍ରମେ ପଞ୍ଚାୟତରେ ମଦ କାଉଣ୍ଟର ନ ଖୋଲିବା ପାଇଁ ନିଷ୍ପତି ହୋଇଥିଲା। ସେହି ଅନୁସାରେ ସୋମବାର ସରପଞ୍ଚଙ୍କ ନେତୃତ୍ୱରେ ନାଏବ ସରପଞ୍ଚ, ୱାର୍ଡ଼ସଭ୍ୟ ଓ ଗ୍ରାମବାସୀ ଛତ୍ରପୁର ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତାହା ସହିତ ଏହାର ନକଲ ଏସପି, ଅବକାରୀ, ବିଧାୟକ, ଏମପି, ବିଡ଼ିଓ, ତହସିଲଦାର ଓ ଆଇଆଇସିଙ୍କୁ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏହି ପଞ୍ଚାୟତକୁ ଶାନ୍ତିପୂର୍ଣ୍ଣ ପରିବେଶ ଓ ଯୁବକମାନଙ୍କୁ ପଥଭ୍ରଷ୍ଟ ନ କରିବା ଉଦ୍ଦେଶ୍ୟରେ କୌଣସି ପରିସ୍ଥିତିରେ ବି ଏହି ପଞ୍ଚାୟତରେ ମଦ ଦୋକାନ ନ ଖୋଲିବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଯଦି ସରକାର ଓ ପ୍ରଶାସନ ତରଫରୁ ମଦ ଦୋକାନ ବନ୍ଦ କରିବା ପାଇଁ ପଦକ୍ଷେପ ନିଆ ନ ଯାଏ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ଅଟୋ ପଛରେ ପିଟିହେଲା ବାଇକ, ୩ ଗୁରୁତର

ଖଲ୍ଲିକୋଟ,୨୯।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କେଶପୁର ଠାରେ ସୋମବାର ଏକ ଅଟୋ ପଛରେ ବାଇକ୍ ପିଟି ହେବାରୁ ୩ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୋଦଳା ମାଟିଗଡ଼ ଗ୍ରାମର ପପୁନ ଗୌଡ଼, ଦୀପିକା ପ୍ରଧାନ ଓ ଛଚିନା ଗ୍ରାମର ତପନ ଗୌଡ଼। ଏହି ୩ ଜଣ ବାଲୁଗାଁରୁ ବାଇକ (ନଂ .ଓଡି ୦୭ ଏ ଏସ ୫୪୨୮) ଯୋଗେ ଗ୍ରାମକୁ ଫେରୁଥିବା ବେଳେ କେଶପୁର ଦମକଳ କେନ୍ଦ୍ର ନିକଟରେ ଆଗରେ ଯାଉଥିବା ଏକ ଡାଲା ଅଟୋ ହଠାତ ବୁଲାଇ ଦେବାରୁ ସେଥିରେ ଧକ୍କା ହୋଇଥିଲେ। ଫଳରେ ବାଇକରୁ ଖସି ୩ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ଅଟୋଟି ଓଲଟି ପଡ଼ିଥିଲା। ଆହତମାନଙ୍କୁ ଦମକଳ ଗାଡିରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଦିଗପହଣ୍ଡିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି


ଜଣେ ହିତାଧିକାରୀଙ୍କୁ ଜିଲାପାଳ ଭତ୍ତା କାର୍ଡ ପ୍ରଦାନ କରୁଛନ୍ତି ।

ଦିଗପହଣ୍ଡି,୨୯।୭(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ପ୍ରଣିତା ଦାସ, ବ୍ରହ୍ମପୁର ଉପଜିଲାପାଳ ଶ୍ରୀ ଦସ୍ତାଗି, ବ୍ରହ୍ମପୁର ପୋଲିସ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅସୀମ ପଣ୍ଡା, ଡେପୁଟି କଲେକ୍ଟର ଭବତୋଷ ମଲ୍ଲିକ, ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ, ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ତହସିଲଦାର ଅନୀତା ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅଭିଯୋଗ ଶୁଣାଣିରେ ବ୍ଲକ ଅଧିନ ବିଭିନ୍ନ ଗ୍ରାମର ୯୮ଟି ଅଭିଯୋଗ ଶୁଣାଣି ନିମନ୍ତେ ଆବେଦନ କରାଯାଇଥିଲା। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇନଥିବା ନେଇ ଅନେକ ପଞ୍ଚାୟତର ସରପଞ୍ଚ ବୃନ୍ଦ ଅଭିଯୋଗ କରିଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରପଞ୍ଚ ରଞ୍ଜନ କୁମାର ସାହୁ, ମନୋରଞ୍ଜନ ଗୌଡ଼, ପୂର୍ବତନ ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି, କେ.ସଞ୍ଜୀବ କୁମାର ରେଡ୍ଡୀ, ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼, ସନ୍ତୋଷ ଦୋରା, ଶିଶିର ପ୍ରଧାନ, ଏମ.ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ। ଜନ ଶୁଣାଣି କାର୍ଯ୍ୟକ୍ରମ ପରେ ବାଙ୍ଗରଡା ଗ୍ରାମର ଆୟୁଷକାନ୍ତ ତ୍ରିପାଠୀଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ରେଡକ୍ରସ ପାଣ୍ଠିରୁ ୬ ହଜାର ଟଙ୍କାର ଆର୍ଥିକ ସହାୟତା, ଦିବ୍ୟାଙ୍ଗଙ୍କ ନିମନ୍ତେ ୩ ଟି ଟ୍ରାଇ ସାଇକେଲ ଓ ୩ ଟି ହୁଇଲ ଚେୟାର ସହ କିଛି ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଜିଲାପାଳ ବଣ୍ଟନ କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଉମେଶ ସେଠୀ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରାୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## କୃଷ୍ଣସାର ମୃଗ ସ୍ଥାନାନ୍ତରକୁ ସଂରକ୍ଷଣ ସମିତିର ବିରୋଧ

ଆସିକା,୨୯।୭(ସୁରେନ୍ଦ୍ର ନାଥ ସାହୁ):

କୃଷ୍ଣସାର ମୃଗ ଲାଗି ଦେଶର ମାନଚିତ୍ରରେ ଆସିକା ଅଞ୍ଚଳର ଏକ ସ୍ୱତନ୍ତ୍ର ପରିଚୟ ରହି ଆସିଛି। ବର୍ତ୍ତମାନ ସରକାର ଏହି ଅଞ୍ଚଳରୁ କୃଷ୍ଣସାର ମୃଗ ପୁରୀ ବନାଞ୍ଚଳର କୋଣାର୍କ ବାଲୁଖଣ୍ଡି ଅଭୟାରଣ୍ୟକୁ ସ୍ଥାନାନ୍ତର କରୁଥିବା ସୂଚନା ମିଳିଛି । ଗଞ୍ଜାମ ଜିଲା କୃଷ୍ଣସାର ମୃଗ ସଂରକ୍ଷଣ ସମିତି ଏହି ନିଷ୍ପତ୍ତିର ଦୃଢ ବିରୋଧ କରିଛି। ସୋମବାର ସ୍ଥାନୀୟ ଏମପିସିଏସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୁରକ୍ଷା ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ ଏ ସମ୍ପର୍କରେ ସୂଚନା ଦେବା ସହ ସମିତି ଏହାର ତୀବ୍ର ବିରୋଧ କରୁଥିବା ପ୍ରକାଶ କରିଛନ୍ତି । ସେ କହିଛନ୍ତି ପୂର୍ବରୁ ସେ ଅଞ୍ଚଳରେ ଥିବା କୃଷ୍ଣସାର ଆଉନାହାନ୍ତି, ଉପଯୁକ୍ତ ସୁରକ୍ଷା ଓ ପରିବେଶ ଅଭାବରୁ କୃଷ୍ଣସାର ସେଠାରେ ବଞ୍ଚିବା ସମ୍ଭବ ନୁହେଁ । ପ୍ରସ୍ତାବିତ ସ୍ଥାନ ସମୁଦ୍ରକୂଳ ଓ ବାଲୁକାମୟ ହୋଇଥିବାରୁ କୃଷ୍ଣସାରଙ୍କ ପ୍ରିୟ ଖାଦ୍ୟ ଚଣା, ମୁଗ, ବିରି, ମାଣ୍ଡିଆ ଆଦି ମିଳିବା ସମ୍ଭବ ନୁହେଁ । ଅଞ୍ଚଳବାସୀଙ୍କ ଦୟାଭାବ ଓ ପର୍ଯ୍ୟାପ୍ତ ଖାଦ୍ୟପାନୀୟ ଯୋଗୁଁ କୃଷ୍ଣସାର ମୃଗ ଏଠାରେ ବଂଶ ବୃଦ୍ଧି କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୁରୀ ବନାଞ୍ଚଳରେ ବହୁ କୃଷ୍ଣସାର ମରିଥିବା କୁହାଯାଉଥିଲା ବେଳେ ଏହାର କୌଣସି ଡାକ୍ତରୀ ରିପୋର୍ଟ ନାହିଁ । ତେବେ ଘୁମୁସର ବନାଞ୍ଚଳରେ ବହୁବାର ବନ୍ୟାବାତ୍ୟା ଆସିଥିଲେ ମଧ୍ୟ ମାତ୍ର ୨ଟି ମୃଗ ମୃତ୍ୟୁ ହୋଇଥିବା ଓ ଏହାର ଶବ ବ୍ୟବଚ୍ଛେଦ ରିପୋର୍ଟ ରହିଛି । ତେଣୁ ରାଜ୍ୟ ସରକାରଙ୍କ ଏହି ତରବରିଆ ନିଷ୍ପତ୍ତିକୁ କୃଷ୍ଣସାର ମୃଗ ସୁରକ୍ଷା ସମିତି ପକ୍ଷରୁ ତୀବ୍ର ବିରୋଧ କରାଯାଉଥିବା ଉପାଧ୍ୟାୟ ସୂଚନା ଦେଇଛନ୍ତି ।

# ନାବାଳିକା ଅସଦାଚରଣ ମାମଲା, ପ୍ରଧାନ ଶିକ୍ଷକଙ୍କୁ ୩ ବର୍ଷ ଜେଲ

**ଫୁଲବାଣୀ, ୨୯।୭ (ରାକେଶ କୁମାର ରାଉତ)**

ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ମାମଲାର ବିଚାର କରି ସୋମବାର ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାସ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୪ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ କୋଟଗଡ ଥାନା ଅଞ୍ଚଳର ଏକ ସେବାଶ୍ରମ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଜଗନ୍ନାଥ ପଣ୍ଡା।

ସୂଚନା ଅନୁସାରେ, ଏସ୍‌ସି/ଏସ୍‌ଟି ବିଭାଗ ଅଧୀନ ସେବାଶ୍ରମ ବିଦ୍ୟାଳୟରେ ଜଣେ ୧୨ ବର୍ଷର ଛାତ୍ରୀ ୪ର୍ଥ ଶ୍ରେଣୀରେ ପଢୁଥିଲେ। ୨୦୧୪ ଜାନୁୟାରୀ ୬ ତାରିଖରେ ପ୍ରଧାନ ଶିକ୍ଷକ ପଣ୍ଡା ଛାତ୍ରୀଙ୍କୁ ଡାକି ଘର ଝାଡୁ ମାରିବା ଏବଂ ପାଣି ଆଣିବା ପାଇଁ କହିଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷକ ତାଙ୍କୁ ଅସଦାଚାରଣ କରିଥିଲେ। ଘଟଣାକୁ ନେଇ ଛାତ୍ରୀ ଜଣଙ୍କ ପ୍ରତିବାଦ କରିଥିଲେ। ୧୩ ତାରିଖରେ ତାଙ୍କ ଘର ଲୋକ ବିଦ୍ୟାଳୟକୁ ଆସିବାରୁ ସେ ସବୁ କଥା କହିଥିଲେ। ଘର ଲୋକେ ତାଙ୍କୁ ନେଇ ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କ ଏତଲା ଅନୁସାରେ ଥାନାରେ ୩/୧୪ରେ ମାମଲା ରୁଜୁ ହୋଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ପୂର୍ବତନ ବରିଷ୍ଠ କିରାଣିଙ୍କୁ ୩ ବର୍ଷ ଜେଲ

**ଫୁଲବାଣୀ, ୨୯।୭ (ରାକେଶ କୁମାର ରାଉତ)**

ଫୁଲବାଣୀ ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ସୋମବାର ଏକ ଲାଞ୍ଚ କାରବାର ମାମଲାର ବିଚାର କରି ଦାରିଙ୍ଗବାଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ପୂର୍ବତନ ବରିଷ୍ଠ କିରାଣି ଚିତ୍ତରଞ୍ଜନ ସିଂଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ତାଙ୍କ ଘର ବ୍ରାହ୍ମଣୀଗାଁ ଥାନା ଆଲାନଜୁରୀ ଗ୍ରାମରେ।

ସୂଚନା ଅନୁସାରେ, ଦାରିଙ୍ଗବାଡି ଅଞ୍ଚଳର ଶଙ୍କର ପଟ୍ଟନାୟକଙ୍କ ବାପା ଶିକ୍ଷା ବିଭାଗରେ କାମ କରୁଥିଲେ। ଚାକିରି କାଳରେ ତାଙ୍କର ମୃତ୍ୟୁ ହେବାରୁ ସରକାରଙ୍କ ଥଇଥାନ ନୀତି ଅନୁସାରେ ଶଙ୍କର ଚାକିରି ପାଇଁ ଦାରିଙ୍ଗବାଡି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ବାରମ୍ବାର ଦୌଡିବା ପରେ ମଧ୍ୟ ତାଙ୍କ କାମ ହୋଇ ନ ଥିଲା। ଏ ନେଇ ସେ ବରିଷ୍ଠ କିରାଣି ଚିତ୍ତରଞ୍ଜନଙ୍କୁ ଦେଖାକରିଥିଲେ। ନୂଆ ଫର୍ମାଟରେ ପୁନଃ ଆବେଦନ କରିବାକୁ ଚିତ୍ତରଞ୍ଜନ କହିଥିଲେ। ସେହି ଅନୁସାରେ ପୁଣି ଶଙ୍କର ଆବେଦନ କରିଥିଲେ। କିଛିଦିନ ପରେ ଯାଇ ଚିତ୍ତରଞ୍ଜନଙ୍କୁ ଭେଟିବାରୁ ମୁଁ ଏହା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇଦେଇଛି, ଯଦି ଆଗକୁ ଫାଇଲ ବଢ଼ିବାକୁ ଚାହୁଁଛ ତେବେ ୫ ହଜାର ଟଙ୍କା ଦିଅ, ନ ହେଲେ ମୁଁ ସେଠାରେ କହି କାମ ବନ୍ଦ କରିଦେବି ବୋଲି କହିଥିଲେ। ଏଥିରେ ଶଙ୍କର ନିରାଶ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଶଙ୍କର ୨୦୨୦ ନଭେମ୍ବର ୧୧ ତାରିଖରେ ଚିତ୍ତରଞ୍ଜନଙ୍କୁ ତାଙ୍କ କାର୍ଯ୍ୟାଳୟରେ ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀ ତାଙ୍କ ପାଖରୁ ଟଙ୍କା ଜବତ କରିବା ସହ ଗିରଫ କରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ୨୨/୨୦ରେ ମାମଲା ରୁଜୁ କରିଥିଲା। ବିଚାରପତି ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଭି.ଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ତାଳଗଛ ରୋପଣ ପାଇଁ ଚାଷୀଙ୍କୁ ସଚେତନତା

ବାଲିପଦର,୨୯।୭(ବିଶିକେଶନ ସ୍ୱାଇଁ):

ଅନ୍ତରପଡ଼ା ପଞ୍ଚାୟତ ଅନ୍ତର୍ଗତ ଖୋଲରୀ ବଡଚାନ୍ଦିନି ପାହାଡ଼ସ୍ଥିତ ଜୟକିଷାନ ସେବାଶ୍ରମ ଠାରେ ସମାଜସେବୀ କାର୍ତ୍ତିକେଶ୍ୱର ବିଷୋୟୀଙ୍କ ତତ୍ତ୍ୱାବଧାନରେ ଆଶ୍ରମ ପରିସରରେ ବୃକ୍ଷରୋପଣ ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନେ ନିଜନିଜ ବିଲହିଡରେ ତାଳଗଛ ଲଗାଇ ବଜ୍ରପାତକୁ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବୁଗୁଡ଼ା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗଙ୍ଗାଧର


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ବିଷୋୟୀ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ର, ଶିକ୍ଷାବିତ୍ ଗୌରୀଶଙ୍କର ମିଶ୍ର, ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ଅଧ୍ୟାପକ ଜୟରାମ ବିଷୋୟୀ, ବିଭୁତି ଭୁଷଣ ମିଶ୍ର, ପୂର୍ବତନ ସରପଞ୍ଚ ଶାନ୍ତନୁ କୁମାର ନାୟକ, ଖବରଦାତା ଅଭୟ ପ୍ରସାଦ ପାଣିଗ୍ରାହୀ, ଟି. ସତ୍ୟନାରାୟଣ ପାତ୍ର, ବିଜୟ କୁମାର ସେଠୀ, ରଶ୍ମିତା ଚୌଧୁରୀ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିବା ସହ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

# ଚାରାରୋପଣ କରି ପୋଷ୍ୟ ଭାବେ ଗ୍ରହଣ କଲେ ଛାତ୍ରୀଛାତ୍ର


ଚାରାରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

ଦାରିଙ୍ଗବାଡି,୨୯।୭ (ଅରୁଣ ସାହୁ): ଚାରାରୋପଣ କରି ତାର ଯତ୍ନ ନେବା ଭଳି ପଦକ୍ଷେପ ନେଇ ଦାରିଙ୍ଗବାଡି ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ଉଦାହରଣ ସୃଷ୍ଟି କରିବାକୁ ଯାଉଛନ୍ତି। ଏବେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଛି। ସେହିକ୍ରମରେ ଦାରିଙ୍ଗବାଡି ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ସୋମବାର ବିଭିନ୍ନ ଚାରାରୋପଣ କରାଯାଇଛି। କରମଙ୍ଗା,ସୀତାଫଳ, ଜାମୁ କୋଳି, ପିଜୁଳି, କଫି, ଆମ୍ବ ଭଳି ଚାରାରୋପଣ କରାଯାଇଛି । ଏଥିରେ ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିବା ବେଳେ ପ୍ରତେକଟି ଗଛକୁ ବଞ୍ଚିବା ପର୍ଯ୍ୟନ୍ତ ତାର ଯତ୍ନ ନେବାପାଇଁ ଛାତ୍ରୀଛାତ୍ରମାନେ ଗଛକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ବିଦ୍ୟାଳୟର ଅଧ୍ୟକ୍ଷ ରଜତ ବିକ୍ରମ ପ୍ରଧାନ କହିଛନ୍ତି । କାର୍ଯ୍ୟକ୍ରମରେ ଦାରିଙ୍ଗବାଡି ସାଇ ସେବା ସମିତିର ଶିବ ପ୍ରସାଦ ମିଶ୍ରଙ୍କ ସମେତ ସମିତିର ଅନ୍ୟ ସଦସ୍ୟ ମାନେ ଯୋଗଦେଇ ସହଯୋଗ କରିଥିଲେ।

# ପରିବାର ଚଳାଇବାକୁ ଦୃଷ୍ଟିବାଧିତଙ୍କ ସଂଘର୍ଷ

**ସରକାରୀ ଯୋଜନା କାହା ପାଇଁ**



ପରିବାର ସହ ସୀମାଞ୍ଚଳ

ମୋହନା,୨୯।୭(ମନ୍ମଥ ମିଶ୍ର): ଦିବ୍ୟାଙ୍ଗ ହୋଇ ବି ଜୀବନ ଯୁଦ୍ଧରେ ହାର ମାନି ନାହାନ୍ତି ଜଣେ ଦୃଷ୍ଟିବାଧିତ। ପରିବାର ପୋଷଣ ପାଇଁ ଛୋଟିଆ ଦୋକାନଟିଏ କରି ଗୁଜୁରାଣ ମେଣ୍ଟାଉଛନ୍ତି। ହେଲେ ସରକାରୀ ଯୋଜନା ତାଙ୍କ ପାଇଁ ପ୍ରହସନ ପାଲଟିଛି । ମୁଣ୍ଡ ଗୁଞ୍ଜିବା ପାଇଁ ନା ଅଛି ପକ୍କା ଘର ନା ଦିବ୍ୟାଙ୍ଗ ଝିଅକୁ ମିଳୁଛି ଭତ୍ତା। ଏଭଳି ସ୍ଥିତିରେ ୫ ପ୍ରାଣୀ କୁଟୁମ୍ବଙ୍କ ମୁହଁରେ ଦାନା ଦେବା ପାଇଁ ନୀତି ସଂଘର୍ଷ କରୁଛନ୍ତି ମୋହନା ବ୍ଲକ ରାଇପଙ୍କା ଗାଁର ସିମାଞ୍ଚଳ ସାହୁ । ଦଶମ ଶ୍ରେଣୀରେ ପାଠ ପଢିବା ସମୟରେ ଆଖିରୁ ପାଣି ଝରିବା ପରେ ସେ ଦୃଷ୍ଟି ଶକ୍ତି ହରାଇଥିଲେ। ବର୍ତ୍ତମାନ ସୀମାଞ୍ଚଳ ଶତ ପ୍ରତିଶତ ଦୃଷ୍ଟିବାଧିତ। ପରିବାର କହିଲେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅ। ୫ ପ୍ରାଣୀଙ୍କ ମୁହଁରେ ଦାନା ଦେବା ପାଇଁ ସେ ରାସ୍ତା କଡ଼ରେ ଏକ ଛୋଟିଆ ଦୋକାନ କରି ବ୍ୟବସାୟ କରୁଛନ୍ତି। ବ୍ୟବସାୟରେ ଯାହା ମିଳେ ସେଥିରେ ଘର ଖର୍ଚ୍ଚ ତୁଲାଉଛନ୍ତି। ସରକାରୀ ସହାୟତା କହିଲେ ମାସକୁ ୧୨ ଶହ ଟଙ୍କା ଦିବ୍ୟାଙ୍ଗ ଭତ୍ତା ବାବଦକୁ ମିଳେ। ୨ ଝିଅଙ୍କ ମଧ୍ୟରୁ ବଡ ଝିଅ ଜନ୍ମରୁ କଥା କହି ପାରୁନାହିଁ। ହେଲେ ଆଜି ଯାଏଁ ଦିବ୍ୟାଙ୍ଗ ଭତ୍ତା ମିଳୁନାହିଁ। ଘରର ଅବସ୍ଥା ନ କହିବା ଭଲ। ବର୍ଷାରେ ଘର ସାମ୍ନା ବଖରାରେ ପାଣି ଗଳୁଛି। ଘରେ ରହିବା ମୁସ୍କିଲ। ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ବହୁବାର ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ହେଲେ ଆଜି ଯାଏଁ ମିଳି ପାରିଲା ନାହିଁ। ସିମାଞ୍ଚଳ ଦୃଷ୍ଟିବାଧିତ ହୋଇ ବି ପରିବାର ପୋଷଣ ପାଇଁ ନିତି ସଂଘର୍ଷ କରୁଛନ୍ତି। ଆଖିକୁ ନ ଦିଶୁଥିଲେ ବି ସାଧାରଣ ମଣିଷ ଭଳି ଅନ୍ୟର ବିନା ସାହାରାରେ ସେ ସବୁ କିଛି କରି ପାରୁଛନ୍ତି। ଏଭଳି ସ୍ଥିତିରେ ତାଙ୍କୁ ଘର, ଝିଅକୁ ଦିବ୍ୟାଙ୍ଗ ଭତ୍ତା ଓ ବ୍ୟବସାୟୀଙ୍କ ଋଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଡ଼ିଓ ରାଜୀବ ଦାସ କହିଛନ୍ତି, ଖୁବଶୀଘ୍ର ସୀମାଞ୍ଚଳଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ।

# ଏଆଇଡିଏସ୍‌ଓର ଅନିର୍ଦ୍ଦିଷ୍ଟ କାଳ ଧାରଣା

ବ୍ରହ୍ମପୁର,୨୯ ।୭
(ସ୍ୱାଧୀନ ଶେଖର ପାଢ଼ୀ)

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ଦାବି



ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ଦାବି ଜୋର ଧରିଛି। ଏ ନେଇ କିଛି ଦିନ ହେଲା ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଚାଲିଛି। ବିଶେଷ କରି ଏଆଇଡିଏସ୍‌ଓ ପକ୍ଷରୁ ଲଗାତାର ଦସ୍ତଖତ ଅଭିଯାନ ଓ ବିକ୍ଷୋଭ ହୋଇ ଆସୁଛି। ଏହାକୁ ଅଧିକ ଶାଣିତ କରିବା ପାଇଁ ସୋମବାର ଏଆଇଡିଏସ୍‌ଓ ଗଞ୍ଜାମ ଜିଲା କମିଟି ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଆରମ୍ଭ କରିଛି। ୧୮୭୮ର ଏହି ଐତିହ୍ୟସମ୍ପନ୍ନ ଅନୁଷ୍ଠାନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପିଲା ପଢ଼ୁଛନ୍ତି। ଖଲ୍ଲିକୋଟ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ଘୋଷଣା ପରେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ, ତା'ପରେ ଖଲ୍ଲିକୋଟ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ବର୍ତ୍ତମାନ ଏହାକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରାଯାଇଛି। କିନ୍ତୁ ୨୦୨୧ରୁ ଏକକ ବିଶ୍ୱବିଦ୍ୟାଳୟ ହେବା ପରେ ୟୁଜିସି ମାନ୍ୟତା ମିଳି ନ ଥିବା ଯୋଗୁ ଏହି ଶିକ୍ଷାନୁଷ୍ଠାନକୁ କୌଣସି ଅନୁଦାନ ମିଳିପାରୁନାହିଁ । ସ୍ନାତକୋତ୍ତର ଶ୍ରେଣୀରେ ମୋଟ ୧୮ଟି ନିୟମିତ, ୫ଟି ସେଲ୍ଫ ଫାଇନାନ୍ସ ଓ ସ୍ନାତକ ଶ୍ରେଣୀରେ ମୋଟ ୧୭ଟି ପାଠ୍ୟକ୍ରମରେ ଶିକ୍ଷା ଦାନ ଚାଲିଛି । କିନ୍ତୁ ଏହି ପାଠପଢ଼ା କାର୍ଯ୍ୟ ସମ୍ପାଦନ କରୁଥିବା ଅଧ୍ୟାପକ ଏବଂ ପ୍ରାଧ୍ୟାପକ ସଙ୍କଟଜନକ ପରିସ୍ଥିତିରେ ଅଛନ୍ତି। ୧୧୨ ପ୍ରାଧ୍ୟାପକ ଓ ୨୫ ଶିକ୍ଷା କର୍ମଚାରୀ ପଦ ଖାଲିପଡ଼ିଛି। ହିନ୍ଦୀ, ଅର୍ଥନୀତି ଓ ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଧ୍ୟାପକଙ୍କ ସଂଖ୍ୟା ଶୂନ । ଠିକ ସମୟରେ କୋର୍ସ ଶେଷ, ପରୀକ୍ଷା ପରିଚାଳନା ଓ ତ୍ରୁଟିମୁକ୍ତ ଫଳ ପ୍ରକାଶନ କରିବାରେ ଅସୁବିଧା ହେଉଛି । ୟୁଜିସି ମାନ୍ୟତା ସହ ସମସ୍ତ ଅଧ୍ୟାପକ, ପ୍ରାଧ୍ୟାପକ ଏବଂ ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ କରିବାକୁ ଦାବି ହୋଇଛି। ଧାରଣାରେ ଏଆଇଡିଏସଓ ଜିଲା ସଭାପତି ନିମାଇଁ ଚରଣ ସାହୁ, ଉପସଭାପତି ପପୁନ ସାହୁ, ସମ୍ପାଦକ ନାରାୟଣ ସାହୁ କିସାନ ସାହୁଙ୍କ ସମେତ ଶୁଭସ୍ମିତା ପାଣିଗ୍ରାହୀ ଓ ସଂଗଠନର କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ଓଏଭିର ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର,୨୯ ।୭
(ସ୍ୱାଧୀନ ଶେଖର ପାଢ଼ୀ)

ଖଲ୍ଲିକୋଟ ବ୍ଲକ ବାଉରି ଗଣ୍ଡପଲ୍ଲୀ ଓଡିଶା ଆଦର୍ଶ ବିଦ୍ୟାଳୟରେ ଜୋନସ୍ତରୀୟ ଗଣିତ ଶିକ୍ଷକମାନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ନୋଡାଲ ଅଧକ୍ଷ ଅରୁଣ କୁମାର ପଟେଲଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଶିବିରରେ ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ, ଗଜପତି ଜିଲାର ଗଣିତ ଶିକ୍ଷକମାନେ ଯୋଗ ଦେଇଥିଲେ । ଖଲ୍ଲିକୋଟ ଆରସିଏମ କଲେଜ ଅଧକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟଅତିଥି ଥିବାବେଳେ ବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଗଣିତ ମୁଖ୍ୟ କୃଷ୍ଣ ଚନ୍ଦ୍ର ତରାଇ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ବିଭିନ୍ନ ପ୍ରଶିକ୍ଷଣ ବିଷୟରେ କବିସୂର୍ଯ୍ୟନଗର ଓଏଭି ଅଧକ୍ଷ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଭାଟକୁମାରଡ ଓ ଏଭି ଉପ ଅଧକ୍ଷ ଅମିତ କୁମାର ସାମନ୍ତରାୟ ଏବଂ ମିନାକ୍ଷୀ ମହାପାତ୍ର ପ୍ରଶିକ୍ଷଣ ଦେଇଥିଲେ। ଦ୍ୱିତୀୟ ଦିବସରେ ପିତତାଳି ଓଏଭି ଉପଅଧକ୍ଷ ବିଶ୍ୱନାଥ ପାଢ଼ୀ ଓ ଜୋନାଲ ଅଧକ୍ଷ ଅରୁଣ କୁମାର ପଟେଲ ପ୍ରଶିକ୍ଷଣ ଦେଇଥିଲେ।

### ୨୫ରେ ଜିଲାସ୍ତରୀୟ ବିଶ୍ୱ ସଂସ୍କୃତ ଦିବସ

ବ୍ରହ୍ମପୁର,୨୯ ।୭(ସ୍ୱାଧୀନ ଶେଖର ପାଢ଼ୀ):

ଆସନ୍ତା ଅଗଷ୍ଟ ୨୫ ତାରିଖରେ ଜିଲାସ୍ତରୀୟ ବିଶ୍ୱ ସଂସ୍କୃତ ଦିବସ ବ୍ରହ୍ମପୁରରେ ପାଳନ ହେବ। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ଗଞ୍ଜାମଶାଖା ପକ୍ଷରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଏହି ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମେଡିକାଲ କ୍ୟାମ୍ପସ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରମୋଦ କୁମାର ବାଜୁବନ୍ଧଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବ୍ଲକର ୩୦ ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରତିନିଧ ଉପସ୍ଥିତ ଥିଲେ। ପୂର୍ବରୁ ବିଦ୍ୟାଳୟସ୍ତରୀୟ ସଂସ୍କୃତ ବକ୍ତୃତା ସଂସ୍କୃତ ଭାଷାୟାଃ ମହତମ ଓ ନବମଶ୍ରେଣୀ ପାଠ୍ୟପସ୍ତକ ସ୍ଥିତ ନୀତିବାଣୀରୁ କୌଣସି ୫ ଶ୍ଳୋକ ଆବୃତ୍ତି କରି ଦୁଇ କୃତିଛାତ୍ରଙ୍କୁ ଜିଲାସ୍ତରକୁ ଆଣିବାପାଇଁ ବୈଠକରେ ସ୍ଥିର ହୋଇଛି। ସେହିପରି ବାଲେଶ୍ୱର ସାଂସଦ ତଥା ଅଖିଳ ଭାରତୀୟ ସଂସ୍କୃତ ସୁରକ୍ଷା ମଞ୍ଚର ସଭାପତି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟତିଥି ରହିବେ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ବୈଠକରେ ସଂଘର ଉପଦେଷ୍ଟା ପଣ୍ଡିତ ଗୋପାଳକୃଷ୍ଣ ପାଢ଼ୀ, ରାଜ୍ୟ ସଙ୍ଗଠନର ସହ ସମ୍ପାଦକ ପଣ୍ଡିତ ବିନାୟକ ତ୍ରିପାଠୀ, ଜିଲା ଉପସଭାପତି ମାମି ସାହୁ, ଜିଲା ସମ୍ପାଦକ ଜୟରାମ ମିଶ୍ର, ପଣ୍ଡିତ ପ୍ରଭାକର ପଣ୍ଡା, ଜିଲା ସଙ୍ଗଠନ ସମ୍ପାଦକ ସାଲବେଗ ଶତପଥୀ, ଆଦିତ୍ୟ ରଥ, ସୁଧାକର ବଳି, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ଦିଲ୍ଲୀପ ଦାଶ, ସୂର୍ଯ୍ୟନାରାୟଣ ଶତପଥୀ ବିଭୁତିଭୂଷଣ ତ୍ରିପାଠୀ, ରାଧାକୃଷ୍ଣ ପାତ୍ର, ଜିଲା ସହସମ୍ପାଦକ ରଞ୍ଜିତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

ବ୍ରହ୍ମପୁର,୨୯।୭(ସ୍ୱାଧୀନଶେଖରପାଢୀ)

ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ବିଭିନ୍ନ ଅସୁବିଧାକୁ ନେଇ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ୨୦୨୧-୨୪ ବ୍ୟାଚ ବିଦ୍ୟାର୍ଥୀଙ୍କ ମାର୍କ ସିଟରେ ତ୍ରୁଟି, ନୂଆ ଓଡିଶା ଓ ପୋଷ୍ଟ ମାଟ୍ରିକ ସ୍କଲାରଶିପ ପ୍ରଦାନ, କଲେଜ ଓ ବିଶ୍ୱବିଦ୍ୟାଳୟର କର୍ମଚାରୀଙ୍କ ଅବହେଳା ହିଁ ଅଶାନ୍ତିର କାରଣ ହୋଇଛି। ଏ ନେଇ କଲେଜ ପ୍ରିନ୍ସପାଲଙ୍କୁ ଛାତ୍ରୀଛାତ୍ର ଏକ ଦାବିପତ୍ର ଦେଇଛନ୍ତି । ନୂଆ ଓଡିଶା ଓ ପୋଷ୍ଟ ମାଟ୍ରିକ ସ୍କଲାରଶିପ ପ୍ରଦାନ ପାଇଁ ଦୀର୍ଘଦିନ ହେଲା ଛାତ୍ରୀଛାତ୍ର ଦାବି କରୁଛନ୍ତି। ଗତ ୩୦ ଏପ୍ରିଲରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ଚିଠି ଲେଖି ଜଣାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ସମସ୍ୟାର ସମାଧାନ ହୋଇ ନାହିଁ । ଏହାକୁ ନେଇ ସୋମବାର ମଧ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ମଙ୍ଗଳବାର ଛାତ୍ରୀଛାତ୍ର ଧାରଣାରେ ବସିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ନରାୟଣ ପ୍ରଧାନ, ରୂପାଲି ସାହୁ, ରୋଜାଲୀନ ମହାନ୍ତି, ଟିଙ୍କିନା ପ୍ରଧାନ, ପୂଜା ସ୍ୱାଇଁଙ୍କ ସହ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଟିପିଏସ୍‌ଓଡିଏଲ୍‌କୁ ସିଏସ୍‌ଆର୍ ଆଣ୍ଡ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ



ଟିପିଏସଓଡିଏଲ କର୍ମଚାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବ୍ରହ୍ମପୁର,୨୯ ।୭(ସ୍ମୃତି ରଂଜନ ମହାଲିକ)

ଆସୋଚାମ ଓଡ଼ିଶା ରାଜ୍ୟ ଉନ୍ନୟନ ପରିଷଦ ପକ୍ଷରୁ ଟିପିଏସଓଡିଏଲକୁ ଓଡ଼ିଶା ସିଏସଆର୍ ଆଣ୍ଡ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୪ରେ ସମ୍ମାନିତ କରାଯାଇଛି। କର୍ମଚାରୀଙ୍କ ସ୍ୱଚ୍ଛ ସେବାର ଉତ୍କର୍ଷତା ବର୍ଗରେ କମ୍ପାନୀ ଏହି ପୁରସ୍କାର ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଉପମହାନିର୍ଦ୍ଦେଶକ ଏ.ଟି. ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଏହି ପୁରସ୍କାର ଆମ କର୍ମଚାରୀଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମର ପ୍ରମାଣ। ଟିପିଏସଓଡିଏଲରେ ଆମେ ସମାଜକୁ ପ୍ରତିବଦଳରେ କିଛି ଦେବାରେ ବିଶ୍ୱାସ କରିଥାଉ। ନିରନ୍ତର ବିକାଶ ଓ ଗୋଷ୍ଠୀ ସଶକ୍ତିକରଣ ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ। ଏହି ସ୍ୱୀକୃତି ଆମକୁ ସମାଜରେ ଏକ ସକାରାତ୍ମକ ଓ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ପାଇଁ ମିଶନ ଜାରି ରଖିବାକୁ ପ୍ରେରଣା ଦେଇଥିବା ସେ କହିଛନ୍ତି।

# ୨ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲ

## ଗଞ୍ଜେଇ ଜବତ ମାମଲା

ବ୍ରହ୍ମପୁର,୨୯ ।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍-୩ ରାଜ କୁମାର ଦାଶ ସୋମବାର ପୃଥକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ବଡଗଡ ଥାନା ଜୟସିଂର କଲେବ ଜାନୀ(୩୮) ଓ ଖଲ୍ଲିକୋଟ କେଶପୁରର ହର୍ଷ ବାରିକ(୩୬)। ଜଜ୍ ଉଭୟଙ୍କୁ ୧୦ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଲେଖାଏ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

୨୦୨୩ ଜୁଲାଇ ୩ ତାରିଖରେ ଗଜପତି ଜିଲାରୁ ଏକ ଟ୍ରକରେ ବିପୁଳ ପରିମାଣର ଗଞ୍ଜେଇ ବ୍ରହ୍ମପୁର ସହରକୁ ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗ ଜାଣିପାରିଥିଲା। ବିଭାଗର ତତ୍କାଳୀନ ଇନ୍ସପେକ୍ଟର ହୃଦୟଚନ୍ଦ୍ର ସାମନ୍ତ ଓ ତାଙ୍କ ଟିମ ଦିଗହପଣ୍ଡି-ବ୍ରହ୍ମପୁର ରାସ୍ତାରେ ଯାଞ୍ଚ ଆରମ୍ଭ କରିଥିଲେ। ଏହି ସମୟରେ ଦିଗପହଣ୍ଡି ପଟୁ ଆସୁଥିବା ଏକ ଟ୍ରକ ମହୁରିକାଲୁଆ ରାସ୍ତା ଦେଇ ବ୍ରହ୍ମପୁର ପଟକୁ ଯାଉଥିଲା। ଅବକାରୀ ଟିମ ତାହାକୁ ଲଙ୍ଗଳଦେଇ ଛକ ଠାରେ ଯାଞ୍ଚ କରିବା ବେଳେ ସେଥିରୁ ୪୦ ବସ୍ତାରେ ମୋଟ ୬୦୦ କେଜି ଗଞ୍ଜେଇ ମିଳିଥିଲା। ଅବକାରୀ ବିଭାଗ ଉକ୍ତ ଗଞ୍ଜେଇ ଜବତ କରିବା ସହ ଟ୍ରକ ଚାଳକ ହର୍ଷ ବାରିକଙ୍କୁ ମାମଲା ନଂ ୨୪୭/୨୩-୨୪ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଗିରଫ ପରଠାରୁ ହର୍ଷ ବ୍ରହ୍ମପୁର ଜେଲରେ ଅଛନ୍ତି। ବିଚାର ବେଳେ ମୋଟ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ମିଳିଥିବାରୁ ଜଜ ଦଣ୍ଡିତ କରିଛନ୍ତି।

ସେହିପରି ୨୦୨୩ ଅଗଷ୍ଟ ୩୧ ତାରିଖରେ କୁକୁଡାଖଣ୍ଡି ଗ୍ରାମାଞ୍ଚଳ ଦେଇ ଏକ ଅଟୋରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଇନ୍ସପେକ୍ଟର ହୃଦୟଚନ୍ଦ୍ର ସାମନ୍ତ ଓ ତାଙ୍କ ଟିମ କୁକୁଡାଖଣ୍ଡି ତହସିଲ ଛକରେ ନାକାବନ୍ଦୀ କରିଥିଲେ। ଏହି ସମୟରେ ମାଣିକପୁର ପଟୁ ଆସୁଥିବା ଏକ ଅଟୋକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୩ଟି ବସ୍ତାରେ ୧୨୬ କେଜି ଗଞ୍ଜେଇ ଥିବା ଜଣାପଡିଥିଲା । ବଡଗଡ ଥାନା ଜୟସିଂର କଲେବ ଜାନୀଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଅବକାରୀ ଥାନାରେ ନଂ.୩୭୨/୨୩-୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ ବ୍ରହ୍ମପୁର ଜେଲରେ ଥିଲେ। କୋର୍ଟରେ ମାମଲାର ବିଚାର ବେଳେ ମୋଟ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପ୍ରମାଣ ମିଳିଥିବାରୁ ଅଭିଯୁକ୍ତଙ୍କୁ ଜଜ ଦଣ୍ଡିତ କରିଛନ୍ତି। ଉଭୟ ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନିଲ କୁମାର ସାହୁ ମକଦ୍ଦମା ପରିଚାଳନା କରୁଥିଲେ।

# ସହରର ୧୪ କେନ୍ଦ୍ରରେ ବିଏଡ୍ ପ୍ରବେଶିକା ପରୀକ୍ଷା

ବ୍ରହ୍ମପୁର,୨୯ ।୭
(ସ୍ୱାଧୀନ ଶେଖର ପାଢ଼ୀ)

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଏଡ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ସ୍କୁଲ ଓ କଲେଜର ୧୪ କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ଜିଲାର ୬୭୨୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେହିପରି ବିଏଚଏଡ(ହିନ୍ଦୀ) ପରୀକ୍ଷା ବି ହୋଇଥିଲା। ଜିଲା ପ୍ରଶାନ ପକ୍ଷରୁ ପରୀକ୍ଷା ପରିଚାଳନା କରାଯାଇଥିଲା। ରାଜ୍ୟର ୩୧ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷା ପାଇଁ ୨୭୫୦ ସିଟରେ ନାମଲେଖା ହେବ। ଏଥିପାଇଁ ୯୫ହଜାର ୧୧୬ ପିଲା ଆବେଦନ କରିଛନ୍ତି। ଏଥିରେ ୬୧, ୭୪୧ ଛାତ୍ର ଓ ୩୩୩୬୮ ଛାତ୍ରୀ ଥିବା ଜଣାପଡ଼ିଛି।

# ହୋମିଓ ଚିକିତ୍ସା କେନ୍ଦ୍ରର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୨୯ ।୭
(ସ୍ୱାଧୀନ ଶେଖର ପାଢ଼ୀ)

ଲାଞ୍ଜିପଲ୍ଲୀସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ଦ୍ୱାରା ପରିଚାଳିତ ଦ୍ୱିସାପ୍ତାହିକ ଦାତବ୍ୟ ହୋମିଓ ଚିକିତ୍ସା କେନ୍ଦ୍ରର ସୋମବାର ୩ୟ ବାର୍ଷିକ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଡ. ଭାସ୍କର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ସରକାରୀ ହୋମିଓ ଚିକିତ୍ସକ ମହାବିଦ୍ୟାଳୟର ଅଧକ୍ଷ ଡା. ଗୀତାଞ୍ଜଳି ପଟ୍ଟନାୟକ ମୁଖ୍ୟ ଅତିଥି, କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡାଃ ପ୍ରଶାନ୍ତ କୁମାର ପତି ଏବଂ ପ୍ରଫେସର ଡାଃ ଗଙ୍ଗାଧର ଆଚାର୍ଯ୍ୟ, ପୂର୍ବତନ ଅଧାପକ ଡା. ପ୍ରଶାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ମଞ୍ଚ ସଂପାଦକ ସୁରେଶ ଜେନା ଅତିଥି ପରିଚୟ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠାତା ସଂପାଦକ ତଥା ହୋମିଓ ଚିକିତ୍ସା କେନ୍ଦ୍ରର ଆବାହକ ବିଶ୍ୱନାଥ ପାଢ଼ୀ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଚିକିତ୍ସା କେନ୍ଦ୍ରର ଡା. କେଶବ ଚନ୍ଦ୍ର ବେହେରା ଏବଂ ଡା. ପ୍ରଣବ କୁମାର ବେହେରା ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ ଶପଥ ନେଇଥିଲେ । ମଞ୍ଚର ସଭ୍ୟ ରାଜ କିଶୋର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ବାଘ ସୁରକ୍ଷା ନେଇ ସଚେତନତା, ପ୍ରତିଯୋଗିତା

ବ୍ରହ୍ମପୁର,୨୯।୭(ସ୍ୱାଧୀନଶେଖରପାଢ଼ୀ)



କର୍ମଚାରୀଙ୍କ ଗହଣରେ ପ୍ରତିଯୋଗୀ ଓ ଅନ୍ୟମାନେ

ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଅବସରରେ ବ୍ରହ୍ମପୁର ରେନବୋ ପ୍ଲେ ବିଦ୍ୟାଳୟରେ ସଚେତନତା ଓ ପ୍ରତିଯୋଗିତା ହୋଇଥିଲା। ସ୍କୁଲର ଶିଶୁଙ୍କୁ ଜୈବ ବିବିଧତାରେ ବାଘର ଭୂମିକା ବିଷୟରେ କୁହାଯାଇଥିଲା। ବାଘ ପ୍ରତି ଶିଶୁଙ୍କୁ ଆଗ୍ରହ ବଢାଇବା ପାଇଁ ଭାଷଣ,କବିତା, ମାସ୍କ,ବାଘର ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବାଘ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି। ବିଶ୍ୱରେ ୯ ପ୍ରକାର ବାଘ ଅଛନ୍ତି। ସେଥିରୁ ୩ ପ୍ରକାର ବାଘ ଲୁପ୍ତ ଏବଂ ୬ ପ୍ରକାର ବାଘ ବିଲୁପ୍ତପ୍ରାୟ ଅବସ୍ଥାରେ ଅଛନ୍ତି। ପ୍ରାକୃତିକ ବାସସ୍ଥାନ ଲୋପପାଇବା,ପ୍ରାକୃତିକ ବିପର୍ଯ୍ୟୟ, ଶିକାରୀଙ୍କ ଲୋଲୁପ ଦୃଷ୍ଟି ଏହାର କାରଣ ହୋଇଛି। ତେଣୁ ଏମାନଙ୍କ ବଂଶ ରକ୍ଷା ହେବା ଉଚିତ ବୋଲି କୁହାଯାଇଥିଲା। ସଙ୍ଗଠନର ସହ ସମ୍ପାଦକ ପି. ବିନୋଦ,ସୁଜିତ କୁମାର ଗୌଡ଼,ପ୍ରସନ୍ନ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ପ୍ରିନ୍ସପଲ ଅସ୍ମିତା କୁମାରୀ ମହାନ୍ତି,ମନୋଜ କୁମାର ମହାପାତ୍ର,ପଦ୍ମିନୀ ନାୟକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଚକା ତଳେ ଠିକାଦାରଙ୍କ ଜୀବନ ଗଲା

ବ୍ରହ୍ମପୁର, ୨୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ଆସ୍କାରୋଡ ତଲୁକା ଛକରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରାକ୍ଟର ଧକ୍କା ଦେଇ ମାଡିଯିବାରୁ ଜଣେ ଯୁବ ଠିକାଦାରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶେରଗଡ ଥାନା ଅନ୍ତର୍ଗତ ପାଟପଲି ଗ୍ରାମର କାହ୍ନୁ ଚରଣ ଗୌଡ଼(୨୫)। ଟ୍ରାଫିକ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇ ଘଟଣାର ତଦନ୍ତ କରୁଛି। ମୃତକଙ୍କ ଭାଇ ବାପିନି ଗୌଡ଼ଙ୍କ ଅଭିଯୋଗକ୍ରମେ ନଂ.୩୪୪/୨୪ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇବା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛନ୍ତି। ତାଙ୍କର ବେପାରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ଠିକାଦାର କାହ୍ନୁ ଚମାଖଣ୍ଡି ଅଞ୍ଚଳରେ ଟାଟା କମ୍ପାନୀର କାମ କରୁଥିଲେ। ପ୍ରତିଦିନ ଭଳି ସେ ସୋମବାର ନିଜ ବାଇକ(ନଂ.ଓଡ଼ି ୩୨ ଡ଼ି -୩୦୨୯)ରେ ବ୍ରହ୍ମପୁର ଦେଇ ଚମାଖଣ୍ଡି ଯିବା ବେଳେ ବାଟରେ ପଛରୁ ଆସୁଥିବା ଟ୍ରାକ୍ଟର(ନଂ.ଓଡ଼ି ୦୭ଏଜି -୨୪୬୮) ଧକ୍କା ଦେଇଥିଲା। କାହ୍ନୁ ବାଇକ୍‌ରୁ ତଳେ ପଡ଼ିଯିବା ପରେ ଟ୍ରାକ୍ଟର ଚକା ତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# 'ବିଦ୍ୟାସାଗର ଥିଲେ ଭାରତୀୟ ନବଜାଗରଣର ଅଗ୍ରଦୂତ'

ବ୍ରହ୍ମପୁର,୨୯ ।୭(ସ୍ମୃତି ରଞ୍ଜନ ମହାଲିକ)

ପୂଜ୍ୟ ପୂଜା ସମିତି ପକ୍ଷରୁ ବିଶିଷ୍ଟ ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ୧୩୩ତମ ତିରୋଧାନ ଦିବସରେ ଏକ ସ୍ମୃତି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଡିକାଲ କଲେଜ ପରିସରରେ ସମିତି ପକ୍ଷରୁ ବିଦ୍ୟାସାଗରଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଲଫିଙ୍ଗ କ୍ଲବର ଉପସଭାପତି ଏସ ଏନ ସରାଫ ଅଧକ୍ଷତା କରିଥିଲେ। ବିଦ୍ୟାସାଗର ଭାରତୀୟ ନବଜାଗରଣର ଅଗ୍ରଦୂତ ଥିଲେ। ଦେଶ ଯେତେବେଳେ ଧର୍ମାନ୍ଧତା, କୁସଂସ୍କାର, କୂପମଣ୍ଡୁକତାରେ ବୁଡିରହିଥିଲା, ସେ ସମୟରେ ବିଦ୍ୟାସାଗର ଆଧୁନିକ ଜ୍ଞାନ ବିଜ୍ଞାନର ଆଲୋକରେ ଜଗତକୁ ଆଲୋକିତ କରିବାରେ ପଦକ୍ଷେପ ନେଇଥିଲେ। ମାନବବାଦର ସେ ଥିଲେ ବଳିଷ୍ଠ ପ୍ରଚାରକ। ସମଗ୍ର ସମାଜର ରକ୍ଷଣଶୀଳତା ବିରୋଧରେ ଲଢେଇ କରିବା ସହ ବିଦ୍ୟାସାଗର ନାରୀ ଶିକ୍ଷା, ବିଧବା ବିବାହ ପ୍ରଚଳନ ଓ ବାଲ୍ୟ ବିବାହ ବନ୍ଦ ପାଇଁ ସଂଗ୍ରାମ କରିଯାଇଛନ୍ତି। ଏଣୁ ଆଜିର ସମାଜକୁ ସୁନ୍ଦର ଭାବେ ଗଢ଼ିତୋଳିବା ପାଇଁ ବିଦ୍ୟାସାଗରଙ୍କ ସମ୍ପର୍କରେ ପାଠ୍ୟ ପୁସ୍ତକରେ ପଢ଼ାଯିବାର ଆବଶ୍ୟକତା ରହିଛି ବୋଲି ସଭାରେ ମତ ପ୍ରକାଶ କରିଥିଲେ। ସୁରେନ୍ଦ୍ର ନାଥ ପଣ୍ଡା ସଭା ପରିଚାଳନା କରିଥିଲେ। ସମିତି ସମ୍ପାଦକ ଏସ ସାମାଶିବା ରାଓଙ୍କ ସମେତ ସୀମାଞ୍ଚଳ ମହାନ୍ତି, ଡା ରାଜେନ୍ଦ୍ର କୁମାର ତ୍ରିପାଠୀ, ରାମଚନ୍ଦ୍ର ସାହାଣୀ, ଜଟେଶ୍ୱର ସାବତ ଓ ରଜନୀକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦିନ ଦ୍ୱିପ୍ରହରରେ ତାଲାବନ୍ଦ ଘରୁ ଚୋରି

ବ୍ରହ୍ମପୁର,୨୯ ।୭(ସୁବାସ ଚନ୍ଦ୍ର ପାଢ଼ୀ):

ସଦର ଥାନା ଲାଠି ଗୋବିନ୍ଦନଗରଠାରେ ଥିବା ଏକ ତାଲାବନ୍ଦ ଘରୁ ଦିନ ଦ୍ୱିପ୍ରହରରେ ସୁନା ଓ ନଗଦ ଟଙ୍କା ଚୋରି ହୋଇଛି । ଏ ନେଇ ଅଭିଯୋଗପରେ ପୋଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗୋବିନ୍ଦନଗରରେ ଥିବା ଏହି ଘରେ ଏକୁଟିଆ ରହୁଥିବା ରମା ପ୍ରଧାନ(୫୦) ଶ୍ରମିକ ଭାବେ କାମ କରୁଛନ୍ତି । ରବିବାର ସକାଳୁ ସେ ଘର ତାଲା ପକାଇ ପ୍ରତିଦିନ ଭଳି କାମକୁ ଚାଲି ଯାଇଥିଲେ । ସନ୍ଧ୍ୟାରେ କାମରୁ ଫେରିବା ପରେ ଘରର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଭିତରକୁ ଯାଇ ଯାଞ୍ଚ ପରେ ଆଲମିରାରେ ସେ ରଖିଥିବା ୪ ଭରି ଓଜନର ସୁନା ଅଳଙ୍କାର ଓ ୧୦ ହଜାର ଟଙ୍କା ଗାଏବ ଥିଲା । କୌଣସି ବ୍ୟକ୍ତିଙ୍କ ଚପଲ ଘର ବାହାରେ ରହିଥିଲା। ତେଣୁ ତାଙ୍କ ସୁନା ଓ ଟଙ୍କା କୌଣସି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ସେ ସଦର ଥାନାରେ ଅଭିଯୋଗ କରିଥିଲେ ।

# ଶାନ୍ତ ପୃଥିବୀ ଓ ସବୁଜ ପୃଥିବୀ ଅଭିଯାନ କରିବ ମହାନ ସଂଘ


ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା ।

ବ୍ରହ୍ମପୁର,୨୯ ।୭(ସ୍ମୃତି ରଞ୍ଜନ ମହାଲିକ):

ମହାନ ସଂଘର ୪୦ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱକୁ ଗ୍ଲୋବାଲ ୱାର୍ମିଂ ଓ ଅଶାନ୍ତ ବାତାବରଣରୁ ମୁକ୍ତ କରି ସବୁଜ ପୃଥିବୀ ଓ ଶାନ୍ତ ପୃଥିବୀ ଗଠନ ନିମନ୍ତେ ପ୍ରତ୍ୟେକ ସ୍ତରରେ ଚଳିତବର୍ଷ ଜନ ସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ସଂଘ ପକ୍ଷରୁ ଆୟୋଜିତ ଏକ ବୈଠକରେ ସଭାପତି ସୁଶାନ୍ତ କୁମାର ସାବତ ଅଧକ୍ଷତା କରି ଏହା କହିଥିଲେ। ଆସନ୍ତା ଅକ୍ଟୋବର ୧ ଓ ୨ ତାରିଖରେ ସଂଘର ୪୦ତମ ବାର୍ଷିକ ଉତ୍ସବ ପାଳିତ ହେବ। ଛାତ୍ରୀଛାତ୍ର ଓ ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା, ସ୍ମରଣିକା ପ୍ରକାଶ, ପ୍ରତିଭା ସମ୍ମାନ ସହ ୨୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଶୁଭାରମ୍ଭ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରକାଶ ବାଜନି, ଦେବୀପ୍ରଭା ରଥ, ଡ ସନ୍ଧ୍ୟା ପଟ୍ଟନାୟକ, ସୁଚେତା ପାଣିଗ୍ରାହୀ, ଭି ରବି କୁମାର ଗୁପ୍ତା, ପି ବୁଚି ବାବୁ ଓ ଡ ସୂଚନା ପାଢି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

# ସାମୂହିକ ଔଷଧ ସେବନ ସଚେତନତା କାର୍ଯ୍ୟକ୍ରମ

ବେଲଗୁଣ୍ଠା,୨୯।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ଗୋବରା ପ୍ରଫୁଲ୍ଲ କୁମାରୀ ମହାବିଦ୍ୟାଳୟରେ ଫାଇଲେରିଆ ନିରାକାରଣ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ଅଧ୍ୟାପିକା ନଳିନୀପ୍ରଭା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସ୍ୱେଚ୍ଛାସେବୀ ଶିବରାମ ରାଉତଙ୍କ ସଂଯୋଜନା କ୍ରମେ ପ୍ରେରଣାଦାୟୀ ବକ୍ତା ରେସ୍ୱଣ୍ଡ ଟ୍ରଷ୍ଟ ଅଧକ୍ଷ ସ୍ୱସ୍ତି ସୁନ୍ଦର ସିଅ ଔଷଧ ସେବନ ଉପରେ ସାଧାରଣ ଜନତାଙ୍କ ଥିବା ଭ୍ରାନ୍ତ ଧାରଣା ଉପରେ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଭିଏଁ ଶପଥ ପାଠ କରିଥିଲେ।

# ଅଲୋଡ଼ା ଜିନିଷରୁ ଘର ସଜ୍ଜା ସାମଗ୍ରୀ କଲେ ଆଇଟିଆଇ ଛାତ୍ର

ବ୍ରହ୍ମପୁର,୨୯।୭(ସ୍ୱାଧୀନଶେଖରପାଢୀ)



ଛାତ୍ରୀଛାତ୍ର ଅଲୋଡା ସାମଗ୍ରୀରୁ ପ୍ରସ୍ତୁତ କରିଥିବା ଘର ସଜ୍ଜା ସାମଗ୍ରୀ।

ପରିବେଶ ପ୍ରଦୂଷଣ ରୋକିବା, ଅଦରକାରୀ ସାମଗ୍ରୀରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ନିର୍ମାଣ କରି ଆତ୍ମନିର୍ଭରଶୀଳର ବାର୍ତ୍ତା ଦେଇ ଆସୁଛି ବ୍ରହ୍ମପୁର (ଆଇଟିଆଇ) ଶିଳ୍ପ ତାଲିମ ଅନୁଷ୍ଠାନ । ଏହି କ୍ରମରେ ଅଦରକାରୀ ବିଅର ବୋତଲରୁ ବେଡଲ୍ୟାମ୍ପ ତିଆରି କରି ବିଜୁଳି ସଂରକ୍ଷଣ ଓ ପ୍ରଦୂଷଣ ମୁକ୍ତ ପରିବେଶର ପୁଣି ଏକ ବାର୍ତ୍ତା ଦେଇଛନ୍ତି ଅନୁଷ୍ଠାନର ଛାତ୍ରୀଛାତ୍ର । ଅନୁଷ୍ଠାନର ଇଲେକ୍ଟ୍ରିସିଆନ ବିଦ୍ୟାର୍ଥୀ ଏହା କରିଛନ୍ତି। ଏଲଇଡି ଲାଇଟ, ପ୍ଲାଷ୍ଟିକ ଫୁଲ, ଥର୍ମୋକୁଲସ, ବ୍ୟାଟେରୀ ବ୍ୟବହାର କରି ବିଅର ବୋତଲରେ ସୁନ୍ଦର ସୁନ୍ଦର ଘର ସଜ୍ଜା ସାମଗ୍ରୀ ନିର୍ମାଣ କରି ବିକ୍ରୟ କରୁଛନ୍ତି । ଭବିଷ୍ୟତରେ ଚାକିରି ନ ମିଳିଲେ ବି ଏଠାକାର ବିଦ୍ୟାର୍ଥୀ ଶିକ୍ଷା ପାଇଥିବା ଆତ୍ମନିର୍ଭର କୌଶଳରୁ ରୋଜଗାରକ୍ଷମ ହୋଇ ପାରିବେ। ଏହା ଦ୍ୱାରା ଅନ୍ୟକୁ ବି ରୋଜଗାରକ୍ଷମ କରାଇପାରିବେ ବୋଲି ଅନୁଷ୍ଠାନ ଅଧକ୍ଷ ଡ.ରଜତ ପାଣିଗ୍ରାହୀ କହିଛନ୍ତି ।

